# ନିୟନ୍ତ୍ରିତ ବଜାର କମିଟି କେନ୍ଦୁଝରଙ୍କ କାର୍ଯ୍ୟାଳୟ

ସା-ବନବିହାରୀପଦା, ପୋ-ପୁରୁଣା ବଜାର, ଜିଲ୍ଲା-କେନ୍ଦୁଝର(ଓଡିଶା)-୭୫୮୦୦୨

ବିଜ୍ଞାପନ ସଂଖ୍ୟା. ୬୨୪ /ତା. ୨୦/୧୦/୨୦୨୨

ଏତଦ୍ ଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର-ତଥା- ସଦର ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି, କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ପ୍ରଥମ ମହଲାର ୦୨(ଦୁଇ)ଗୋଟି ଦୋକାନ ଗୃହ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଭଡା ସୂତ୍ରରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଏଣୁ ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ, କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଓ ସର୍ବସାଧାରଣମାନେ କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ରେ କୃଷିଜାତ ଦ୍ରବ୍ୟ, କୃଷି ଭିତ୍ତିକ ଦ୍ରବ୍ୟ ଓ ବିଭିନ୍ନ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ(**ସାର, ଲୁଣ, ଶୁଖୁଆ, ନିଶାଦ୍ରବ୍ୟ ବ୍ୟତୀତ**) ବ୍ୟବସାୟ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରଙ୍କ କାର୍ଯ୍ୟାଳୟର ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ୍ରିତ ଲଫାପାରେ ରେଜେଷ୍ଟ୍ରି ଡାକ/କ୍ଷିପ୍ର ଡାକ ମାଧ୍ୟମରେ ଆବେଦନ କରିପାରିବେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ତା.୨୨/୧୧/୨୦୨୨ରିଖ ଅପରାହ୍ନ ଘ.୫.୩୦ଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ କିମ୍ବା ଡାକ ଜନିତ ବିଳମ୍ବ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର ଦାୟୀ ରହିବେ ନାହିଁ । ପ୍ରାପ୍ତ ଦରଖାସ୍ତ ଫର୍ମ ଗୁଡିକୁ ତା.୨୩/୧୧/୨୦୨୨ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର କାର୍ଯ୍ୟାଳୟ ଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯିବ । ଆବଣ୍ଟନ ପାଇଁ ସଂପୂର୍ଣ୍ଣ ସର୍ତ୍ତାବଳୀ **http://kendujhar.nic.in** ୱେବସାଇଟ୍‌ରୁ ଡାଉନ୍‌ଲୋଡ କରିପାରିବେ ।

## କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ଦୋକାନଗୃହ ଗୁଡିକର ଆବଣ୍ଟନ ପାଇଁ ସର୍ତ୍ତାବଳୀ

୧- ଆବେଦନକାରୀ ସଦର ଉପଖଣ୍ଡ, କେନ୍ଦୁଝର ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨- ଗୋଟିଏ ପରିବାରରୁ କେବଳ ଜଣେ ଗୋଟିଏ ଦୋକାନ ଗୃହ ପାଇଁ ଆବେଦନ କରିବେ , ଅନ୍ୟଥା ଆବେଦନ ପତ୍ର ଗୁଡିକୁ ନାକଚ କରାଯିବ ।

୩- କେନ୍ଦୁଝରଗଡ ନୂତନ ବଜାର ପ୍ରାଙ୍ଗଣ(କୃଷକ ବଜାର) ବିପଣନ ସୌଧର ପ୍ରଥମ ମହଲା ଦୋକାନ ଘରର ପ୍ରତି ବର୍ଗଫୁଟକୁ ସର୍ବନିମ୍ନ ମାସିକଭଡା ଟ.୧୦/-(ଦଶ ଟଙ୍କା) ମାତ୍ର ଓ ଅମାନତ ଟ.୫୦,୦୦୦/-(ପଚାଶ ହଜାର ଟଙ୍କା)ମାତ୍ର ଧାର୍ଯ୍ୟ କରାଯାଇଅଛି ।

୪- ଉକ୍ତ ଦୋକାନ ଘର ଗୁଡିକୁ ଟେଣ୍ଡର ମାଧ୍ୟମରେ ଆବଣ୍ଟନ କରାଯିବ । ସର୍ବୋଚ୍ଚ ଟେଣ୍ଡର କର୍ତ୍ତା ଦୋକାନ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ।

୫- ଉକ୍ତ ବିପଣନ ସୌଧର ଦୋକାନ ଘର ନଂ-୦୩ ଏବଂ ୨୭ ଆବଣ୍ଟନ କରାଯିବ ।

୬- ଦରଖାସ୍ତ ଫର୍ମ **ଟ.୧୦୦/-(ଏକ ଶହ ଟଙ୍କା)ମାତ୍ର** ନଗଦ ଦେୟ/ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି କାର୍ଯ୍ୟାଳୟ ଦିବସରେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ଠାରୁ ପାଇ ପାରିବେ ।

୭- ଦରଖାସ୍ତ ଫର୍ମ ସହିତ ଟେଣ୍ଡର କର୍ତ୍ତାଙ୍କ ସର୍ବୋଚ୍ଚ ମୁଲ୍ୟାଙ୍କ(**Quote**) କରିଥିବା ମାସିକ ଭଡା(୨ ମାସର) ଓ ଅମାନତ ଟଙ୍କା **ସଂପାଦକ, ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରଙ୍କ** ସପକ୍ଷରେ ବ୍ୟାଙ୍କ ଡ୍ରାଫଟ୍ ଆକାରରେ ଦାଖଲ କରିବେ ଏବଂ ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାରଯୋଗ୍ୟ ନୁହେଁ । ଏହା ସୁଧ ବିହୀନ ଅଟେ ।

୮- ଦରଖାସ୍ତ ଫର୍ମ ସହିତ ପରିଚୟ ପତ୍ର(**ଭୋଟର ପରିଚୟ ପତ୍ର /କିଷାନ୍ କ୍ରେଡିଟ୍ କାର୍ଡ/ବିଜୁ କୃଷକ କଲ୍ୟାଣ କାର୍ଡ/ଆଧାର କାର୍ଡ/ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରର ଟ୍ରେଡର ଲାଇସେନସ୍**) ସଂଲଗ୍ନ କରିବା ବାଧ୍ୟତା ମୂଳକ ଅଟେ ।

୯- ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ, କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଓ ସର୍ବସାଧାରଣ ମାନଙ୍କୁ ଉକ୍ତ ଦୋକାନଘର ଗୁଡିକୁ ଆବଣ୍ଟନ କରାଯିବ, ସେମାନେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର ନୀତି ଓ ନିୟମ ମାନିବାକୁ ବାଧ୍ୟ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା (**Agreement Deed**)୭(ସାତ) ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ସହିତ କରିବେ ।

୧୦- ପୂର୍ବରୁ ଆପଣଙ୍କୁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କାର୍ଯ୍ୟାଳୟ ତରଫରୁ ଦୋକାନଗୃହ ଆବଣ୍ଟନ ହୋଇଥିଲେ ଆପଣଙ୍କ ଆବେଦନ ପତ୍ରକୁ ନାକଚ କରାଯିବ ।

୧୧- ଦୋକାନଗୃହ ପାଇଥିବା ବ୍ୟକ୍ତି ଆବଶ୍ୟକ ଅନୁସାରେ ନିଜଖର୍ଚ୍ଚରେ ନିଜ ଦୋକାନ ଗୃହକୁ ବିଦ୍ୟୁତ୍ ସଂଯୋଗ ନେବେ ।

୧୨- ଆବେଦନକାରୀଙ୍କୁ ନିଶ୍ଚିତଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହଁନ୍ତି ଏବଂ ଏଥି ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର କର୍ତ୍ତୃପକ୍ଷଙ୍କ **ନିଷ୍ପତ୍ତି** ଚୂଡାନ୍ତ ଅଟେ । ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଏହି ବିଜ୍ଞାପନଟିକୁ ଆଂଶିକ/ସଂପୂର୍ଣ୍ଣ ରୂପାନ୍ତରିତ କରିପାରିବେ କିମ୍ବା ସମସ୍ତ ଦରଖାସ୍ତ ଗୁଡିକୁ ଅଗ୍ରାହ୍ୟ କରିପାରିବେ । ଏ ସଂକ୍ରାନ୍ତିୟ କୌଣସି ସଂଶୋଧନ(**Corrigendum**) କେବଳ **http://kendujhar.nic.in** ୱେବସାଇଟ୍‌ରେ ଉପଲବ୍ଧ ହେବ ।

ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ

ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝର